
# ଓଠିଗଳୀ



ରଚନା- ପରମପୂଜ୍ୟ ଶ୍ରୀ ଶ୍ରୀ ବୁଦ୍ଧିଆ ବାବା

## ଶ୍ରୀ ଶ୍ରୀ ବୁଢ଼ିଆ ବାବାଙ୍କ କୃତ ଭଜନରାଶି

# 'ସ୍ତୁତିମଧୁ'


ସଂଗ୍ରାହିକା - ଝୁନା

ପ୍ରକାଶିକା - କୃଷ୍ଣା ପଟ୍ଟନାୟକ
ଏମ. ୧୪୯, ବରମୁଣ୍ଡା ହାଉସିଂବୋର୍ଡ଼ କଲୋନି
ଭୁବନେଶ୍ୱର - ୭୫୧୦୦୩
ଫୋନ - ୨୫୫୪୮୭୩

ପ୍ରଥମ ସଂସ୍କରଣ - ୨୦୦୩ ମସିହା ଫେବୃୟାରୀ ୮
ମାଘ ସପ୍ତମୀ

ସଂଖ୍ୟା - ୧୦୦୦

ଅକ୍ଷର ସଜ୍ଜା ଓ ମୁଦ୍ରଣ - ପ୍ରିଣ୍ଟେକ୍ସ, ୟୁନିଟ୍-୯, ଭୁବନେଶ୍ୱର
ଫୋନ- ୨୪୦୫୫୧୪

ପ୍ରାପ୍ତିସ୍ଥାନ - ଜଗନ୍ନାଥ ସଂସଦ, ଗୋବର୍ଦ୍ଧନପୀଠ
ଗାରୋଇ ଆଶ୍ରମ, ପୋ- କୋରୁଅ,
ଭା- ନାଉଗାଁ, ଜିଲ୍ଲା- ଜଗତ୍‌ସିଂହପୁର

ମୂଲ୍ୟ - ୭ ଟଙ୍କା (ସାତ ଟଙ୍କା ମାତ୍ର)



ଓଁ ନମୋ ମହାପୁରୁଷାୟ ଅଚ୍ୟୁତାୟ
ଜଗଦାନନ୍ଦ କନ୍ଦାୟ ପ୍ରଣତାର୍ତ୍ତି ହରାୟଚ
ନିଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ ।

ଦାସାନୁଦାସ ବୁଦ୍ଧିଆ



ଶ୍ରୀ ଶ୍ରୀ ବୁଢିଆ ବାବା

# 'ଶୃତିମଧୁ'

## ଶ୍ରୀ ଶ୍ରୀ ବୁଢ଼ିଆ ବାବା

ବାବା!

ସବୁ ଆସିବାତ ଯିବାରେ ବନ୍ଧା,
ଅଦୃଷ୍ଟ ବି ଦୃଷ୍ଟିର ବାହାରେ ।
ଭାଗ୍ୟ ଆଉ ଭଗବାନ
ଦୁହେଁ ଦୁହିଁଙ୍କ ଠୁ ଭିନ୍ନ
ଦୋଷ ଦେବି ଅବା ମୁଁ କାହାରେ ?
ତମ ସହ ବାଣ୍ଟିଚି ମୁଁ ଯେଣୁ
ଅନେକ ସୁଖ ଆଉ ଦୁଃଖର ମୂହୂର୍ତ୍ତ ।
ତମକୁ ମୁଁ ପାରେ ନାହିଁ ଦୋଷ ଦେଇ,
ନିନ୍ଦଇ ମୁଁ ମୋରି ଅଦୃଷ୍ଟ
ତମେ ମୋର ସୁଖ-ଦୁଃଖ
ଭାଗ୍ୟ-ଭୋଗ, ଦୋଷ ଆଉ ଯଶ
ତମେତ ନିର୍ଗୁଣ! ନିର୍ବିକାର !!
ମୋ ଦୁଃଖରେ ମୋ ପାଇଁ
ସାନ୍ତ୍ୱନାର ଉତ୍ସ ।

'ଝୁନା'

# ସୁଚିପତ୍ର


୧. ଶ୍ରୀ ଗୁରୁ ଅଚ୍ୟୁତାନନ୍ଦ

୨. ବଂଶୀରେ ଏଢ଼େଗାରିମା ତୋର

୩. ଚରଣ ତଳରେ ଶରଣ ପଶୁଚ

୪. ଅଣସର ରେ ବସିଛି କାଳିଆ

୫. ଏହି ନିବେଦନ ମୋର

୬. ହେ ମନ ! ବୃନ୍ଦାବନ ଯିବୁ

୭. ମୁହଁର କଳାରୁ ଟିକିଏ ଦେବୁରେ

୮. ଦେହ ବଦ୍ରିକାରେ-

୯. ମନୁଆ ପ୍ରଭୁ ନାମ ଭଜରେ

୧୦. ଜଗବନ୍ଧୁ ପରି ଜଣେ ନାହିଁରେ

୧୧. ମନ ଦୁନିଆଁରେ

୧୨. ନିଷ୍କାମନା ଭାବ କର

୧୩. ଅନେକ ଦିନରୁ ମନେ କରି ଅଛି

୧୪. ବନ୍ଧନ ମାୟାରେ

୧୫. ହାତ ଖଣ୍ଡିଆ

୧୬. ଶୂନ୍ୟ ଶୂନ୍ୟ ଯେ

୧୭. ଗୁରୁଦେବ ଆଗରେ ପଛରେ ଥିବ

ବାବାଙ୍କୁ ଶବ୍ଦରେ ପରିଚିତ କଲାଭଳି ଧୃଷ୍ଟତା ମୋର ନାହିଁ । ସେ ଯୋଗଜନ୍ମା । କଳିରେ ପଥଭ୍ରଷ୍ଟ ମାନବର ପଥପ୍ରଦର୍ଶକ । ସୀମିତ ଶବ୍ଦ ପଂକ୍ତିର ଅନେକ ଉର୍ଦ୍ଧ୍ୱରେ ସେ । ତାଙ୍କୁ ଶବ୍ଦ ହୁଏତ ଠିକ୍ ଭାବରେ ପରିପ୍ରକାଶ କରି ପାରିବ ନାହିଁ । ମୋ ମତରେ ତାଙ୍କୁ କେବଳ ଅନୁଭବ କରାଯାଇ ପାରେ । ଯାହାର ଅନୁଭବ ଯେତିକି ନିବିଡ଼, ସେ ତାପାଇଁ ସେତିକି ଆପଣାର । ସେ ଗୁରୁ, ସେ- ଇଷ୍ଟ, ସେହିଁ ଈଶ୍ୱର । ଯିଏ ତାଙ୍କୁ ଯେମିତି ଅନୁଭବ କରିବ । ସେ ତାକୁ ସେଇ ରୂପରେ ହିଁ ମିଳି ପାରିବେ । ତାଙ୍କୁ ବାନ୍ଧି ପାରିଲା ଭଳି ଶକ୍ତି ହୁଏତ ମୋର ନାହିଁ । ତେବେ ଏତିକି ଜାଣିଚି, ସେ ଟଙ୍କା ସୁନା ଲୋଡ଼ନ୍ତି ନାହିଁ । ଭକ୍ତର ଶ୍ରଦ୍ଧା, ଭକ୍ତି, ପ୍ରେମ ପ୍ରିତୀରେ ବନ୍ଧା ପଡ଼ି ଯାଆନ୍ତି ।

ଭିତରେ ସାଇତା ଇଚ୍ଛା ରୂପାୟିତ ହବାରେ ଅନକେ ପ୍ରତୀବନ୍ଧକ । ପାର୍ଥିବ ଯାହା କିଛି ହୁଏତ ମିଳିଯାଏ ହେଲେ ଈଶ୍ୱରର ଦୟା ନହେଲେ, ତାଙ୍କ ସମ୍ବନ୍ଧୀୟ ଇଚ୍ଛା ପୂରଣ ହେବାରେ ଅନେକ ଅନ୍ତରାୟ ସୃଷ୍ଟି ହୁଏ । ହୁଏତ ସେ ପରୀକ୍ଷା ନିଅନ୍ତି । ହେଲେ ତାଙ୍କୁ ହିଁ ଜଣା କ'ଣ ସମ୍ଭବ ଆଉ କ'ଣ ଅସମ୍ଭବ ! ଦୁଇ ଆଖିରେ ଦେଖୁଥିବା ମଣିଷଟି ନିଜକୁ ସର୍ବ ଜାଣତା ଭାବିଲେ ବି ତା ନିକିତି ଆଉ କାହା ହାତରେ । ମୁଁ ଜ୍ଞାନର ପରିସୀମା ଜାଣେ ନାହିଁ, କି ତାକୁ କେବେ ଛୁଇଁ ପାରିନାହିଁ । ଘରର ଚାରିକାନ୍ଥ ଭିତରର ଜୀବନ ଟିଏ ମୁଁ ବାହାରର ଆଲୋକ ବିଷୟରେ ଧାନ ଧାରଣା ମୋର ନାହିଁ । ଦୁଇଧାଡ଼ି ପଢ଼ିଲା ଭଳି ଧୈର୍ଯ୍ୟ ମୋର ନାହିଁ କି ନିଜର ଅନୁଭବ କୁ ପରିପ୍ରକାଶ କଲାଭଳି ଶକ୍ତି ବି ମୋର ନାହିଁ । ବାବାଙ୍କ କଣ୍ଠରୁ ଝରୁଥିବା ମଧୁମୟ ଅମୃତ ଝରା ଗୀତି ଆଉ ଦିବ୍ୟଜ୍ଞାନର ଅମୃତମୟ ବାଣୀ ବେଳ ଅବେଳରେ ଝରି ଶୂନ୍ୟରେ ମିଳେଇଯାଏ । ତାକୁ ଧରି ରଖିବାର ଇଚ୍ଛାରେ ମୁଁ ଦୌଡ଼ି ଦୌଡ଼ି ଆଣ୍ଠୁଗଣ୍ଠି ଛିଣ୍ଡାଏ, ଏଇ ବିଶ୍ୱାସରେ 'କେବେ ବି ତ ଧରା ଦେବ ସେ' ଭିତରେ ମୋର ପ୍ରବଳ ଲୋଭ । କେହି ବି ତ ଦିନେ ଖୋଜି ଆସିବ ବାବାଙ୍କ ସହ ବିତେଇ ଥିବା ଆମର ଏଇ ମୂଲ୍ୟବାନ ସମୟକୁ । ଆମପରେ ଆମର ଉତ୍ତରାଧିକାରୀମାନଙ୍କ ପାଇଁ ସାଇତା ହେଇରହୁ ବାବାଙ୍କର ଏ ଅମୂଲ୍ୟ ଶବ୍ଦ କିଛି ଯାହା ନିବିଡ଼ ଅନ୍ଧକାରରୁ ଆଲୋକକୁ ଆଉ ଅଜ୍ଞାନରୁ ଜ୍ଞାନର ମହନୀୟତାକୁ ବାଟ କଢ଼େଇ ନେବା ଏ ଜନ୍ମ ପାଇଁ ଏଇ ଇଚ୍ଛାରେ -

କୃଷ୍ଣା

# ଶ୍ରୀଗୁରୁ ଅଚ୍ୟୁତାନନ୍ଦ

ଶ୍ରୀଗୁରୁ ଅଚ୍ୟୁତାନନ୍ଦ ଯେଣୁ ଗୁରୁ ମୋର
କୋଟିଏ ମିନତୀ ସଦା ତାଙ୍କରି ପୟର
ଗୁରୁ ନହେବି ଅନ୍ତର
ଦୟାଥିବ ଖଟୁଥିବି ପାଦେ ନିରନ୍ତର ।।

ମୁଁ ଅଧମ ଦୀନହୀନ ପାଦର କିଙ୍କର
ସେବାକାରୀ ପଣେ ପ୍ରଭୁରହିଥିବି ତୋର
ମନ ନ ଭାଙ୍ଗିବ ମୋର
ଦାସ ପଣେ ସେବୁ ଥିବି ଶ୍ରୀପଦ୍ମପୟର ।।

ତୁମ୍ଭ ଆଜ୍ଞା କେବେ ମୁହିଁ ଅବଜ୍ଞା ନକରି
ପାଦ ତଳେ ରହିଥିବି ହୀନ ଦାସ ପରି
ସେବାକାରୀ ମୁଁ ତୁମ୍ଭରି ।
ଦୋଷ କରିଥିଲେ କ୍ଷମା ମାଗେ ପାଦଧରି ।।

# ବଂଶୀରେ ! ଏଡ଼େ ଗାରିମା ତୋର

ବଂଶୀରେ ! ଏଡେ ଗାରିମା ତୋର
ତୁହିବାଜୁଥିଲେ ଗୋପପୁର ନାଚେ,
ନାଚଇ ସୁନ୍ଦରୀ ରାଧିକା ମୋର.....ବଂଶୀରେ..
ମୋହନ ସ୍ତମ୍ଭନ ବୈଶ୍ୟ ଉଚ୍ଚାଟନ
କେତେ ପରକାର ବଜାଉସ୍ୱର ?
ରାଧିକା ପାଇଁ କି ଲୁନ୍ନ ସ୍ୱରବାଜେ
ମାଇଁ ମାଇଁ ବୋଲି କେଡ଼େ ସୁନ୍ଦର.....ବଂଶୀରେ..
ସଖା ସୁଦାମାକୁ ତୁ ବଂଶୀ ଡାକିଲୁ
ଖେଳିବା ପାଇଁ କି କୁଞ୍ଜ କୁଟୀର
ଗୋପିନାମ ଧରି ଡାକୁଥାଉ ବଂଶୀ
ଆବର ଡାକୁ ତୁ ସଖା ସୋଦର .....ବଂଶୀରେ..
କିଏ ତୋତେ ଆଣି ଏ ବଂଶୀ ଦେଲା ?
ଟିକି ଶିଖି ଚୂଳ କିଏ ବାନ୍ଧିଲା ?
ହୁନ୍ଦର ଲଗାଉ ଗୋପରେ ନାଚିଣ
ଚୋର ଶରଦାର ବୋଲାଉ ଚୋର.....ବଂଶୀରେ..
ବକା ଅଘା ଷଣ୍ଢା କେତେ କେତେ ଭେଣ୍ଡା
ପଠାଇ ଥିଲାରେ ମାମୁଁ ତୋହର
କ୍ଷିରରେ ବିଷକୁ ଭରି ଦେଇଥିଲା
ପୁତନା ମାରିବ ନେଇଣ କୋଳ.....ବଂଶୀରେ..
ଗିରିଟାକୁ ଟେକା ପରି ଟେକି ଦେଲୁ
ଗୋପ ନଗରରେ ବୋଲାଇ ବୀର

ଦୁଧ ଦହି ଚୋର ନାଟୁଆ ନାଗର
ଗୋପି ଗୋପାଳୁଣୀ କଲୁ ମନ୍ତର.....ବଂଶୀରେ..
ସବୁ ଚୋରୀ କରି ଚିତ୍ତ ଚୋରୀ କଲୁ
ଚିତ୍ତ ଚିତ୍ତ ଚୋର ନାମ ତୋହର
ଛାଡ଼ି ଗୋପପୁର ମଥୁରାକୁ ଗଲୁ
ରଥ ବାହି ନେଲା ଭକ୍ତ ଅକ୍ରୁର.....ବଂଶୀରେ..
ମାମୁଁ କଂସାସୁର ଗରବ ଗଂଜିଲୁ
ରଙ୍ଗସଭା ନୁହେଁ, ମାୟା ତାହାର
ବାସୁଦେବ ଦେବକୀକୁ ଭେଟ ହେଲୁ
ଚିହ୍ନି ପାରିଲେ କି କୁମର ତାର ?.....ବଂଶୀରେ..
ବନ୍ଦୀରେ ଅନ୍ଧ ଅନ୍ଧୁଣୀ ପରାୟ
ବାଟଚାହିଁ ଶୁଖେ ନୟନୁ ନିର
କୃଷ୍ଣ କୃଷ୍ଣ ବୋଲି ଆକୃଷ୍ଟ କରୁତୁ
ଥରେ ମୁଁ ଦେଖନ୍ତି ନୟନେ ମୋର.....ବଂଶୀରେ..

# ଚରଣ ତଳରେ ଶରଣ ପଶୁଛି

(୨)

ଚରଣ ତଳରେ ଶରଣ ପସୁଛି
କାରଣ କର ହେ ହରି
ଋଣ ଦେଇ ପ୍ରାଣ ବନ୍ଧା ଦେଇଅଛି
ଶୁଣିବା ପାଇଁ ଗୁହାରୀ ।
ମରଣ ମାଗୁଛି ବରଣ ଦେଇଣ
ନରଖ ପ୍ରାଣ ମୋହରି
ନରକ ଭିତରେ ଜନମ ଦେଇଣ
ଦୁଃଖେ ମାର ମତେ ଧରି ।।
ଖୋଜୁନାହିଁ ମୁହିଁ ରାଜା ମନ୍ତ୍ରୀପଦ
ନେବା ପାଇଁ ଜମିଦାରୀ
ଯାମିନୀ ମୋ ପାଇଁ ହେବ ମହାପ୍ରଭୁ
ଏତିକି ମାତ୍ର ଗୁହାରୀ ।।
ଯୋଡ଼ି ବେନି ହସ୍ତ କୁହେ ଜଗନ୍ନାଥ
ସାକ୍ଷୀ ଦେଇ ନିଳଗିରି ।
ତୋ ରଙ୍ଗାଚରଣ ମାତ୍ରକ ସ୍ମରଣ
ରହିଥିବ ହେ ମୋହରି ।।
ଗଲାବେଳେ ପ୍ରାଣ ଆହେ ନାରାୟଣ
ଡାକୁଥିବି ନାମ ଧରି
ବୁଦ୍ଧିଆ ତାରିବ ଭବୁ ଉଦ୍ଧାରିବ
ଏତିକି ମିନତି ହରି ।।

# ଅଣସର ଘରେ ବସିଛ କାଳିଆ

ଅଣସର ଘରେ ବସିଛି କାଳିଆ
ନୂଆ ରୂପ ହେବ ବୋଲି ।
ସଜବାଜ ହୋଇ ବାଣ୍ଡକୁ ଆସିବ
ସିଂହଦୁଆରକୁ ଖୋଲି ॥
ଆକୁଳ ବିକଳ ହୁଅନ୍ତି ଭକତେ
କାଳିଆ ଦେଖିବେ ବୋଲି ।
କୋଟି କୋଟି ପାପ ଧୋଇ ହୋଇଯିବ
ଚାହିଁ ଦେଲେ ନେତ୍ର ମେଲି ॥
କାହାଠୁ ନିଏନି ଜଗତେ ଦେଇଛି
କୁବେର ଭଣ୍ଡାର ଖୋଲି ।
ମୁଁ ମାଗୁଁ ନାହିଁ ଧନଜନ ତୋତେ
ମାଗୁଛି ଶରଧା ବାଲି ॥
ରହିବି ରାତିରେ ଖେଳିବି ସାଥିରେ
ଏତିକି କାମନା କଲି ।
କିଣି ଖାଇବାକୁ କଉଡ଼ି ନାହିଁରେ
ମାଗିଖାଏ ବୁଲି ବୁଲି ॥
କିଏ ଖାଉଥାଏ କ୍ଷୀରି ମାଲପୁଆ
ମୋ ପାଇଁ ଅରଡ଼ା ଡାଲି ।
ବଳନାହିଁ ମୋର ଠେଲା ପେଲା ହୋଇ
ଭିତରେ ପଶିବି ବୋଲି ॥
ଦୂରରେ ରହିମୁଁ ଜଣାଏ ଗୁହାରୀ
ଶୁଣୁଥିବୁ କର୍ଣ୍ଣ ଡେରି ॥
ଦୁଃଖୀଜନବନ୍ଧୁ ନାମ କୃପାସିନ୍ଧୁ
ବୋଲି ମୁଁ ତୋତେ କହିଲି ।
ଦୁଃଖ-ଦୁନିଆଁରେ ଭାସୁଛି ବୁଢ଼ିଆ
ଡାକି ଡାକି ଭାସି ଗଲି
ରଖବା ନରଖ ହେ ପଙ୍କଜ ମୁଖ
ଆରତେ ତୋତେ ଡାକିଲି ।

# ଏହି ନିବେଦନ ମୋର

ଏହି ନିବେଦନ ମୋର
ମରଣ ବେଳକୁ ସ୍ମରଣ ରହିବ
ନାମ ଜପିବାକୁ ତୋର ।
କାରଣ କରୁଛ ବୋଲି ମହାପ୍ରଭୁ ।
ବାନା ଉଡୁଛି ତୁମ୍ଭର
ଅନେକ ତାରିଛ କାହକୁ ମାରିଛ
ତୁମେ ସେହି ଚକ୍ରଧର ।।
ଦୁଃଖୀ ଜନବଂଧୁ ନାମ କୃପାସିନ୍ଧୁ
ଭକ୍ତ ଡାକେ ଦୁଃଖେ ତୋର
କେତେ ଦୂରେ ଥାଇ କେତେ ଦୁଃଖୀ ଡାକ
ଶୁଣିଛ ବେନି କର୍ଣ୍ଣର ।।
ଅଖିଳ ବ୍ରହ୍ମାଣ୍ଡ ଠାକୁର ବୋଲିତୁ
ଦୁଃଖୀ ବଂଧୁ ସହୋଦର
ଖିଳ ନାଶି ପ୍ରଭୁ ଅଖିଳ ବୋଲାଅ
ତୁମେ ତ କୃପାସାଗର ।।
ବୁଦ୍ଧିଆର ବଂଧୁ ହୁଅ ଜଗବନ୍ଧୁ
ପାଦରେ ଅଳି ତୋହର
ରଖବା ନରଖ ଥରେ ମାତ୍ର ଦେଖ
ତୋ ବିନୁ ନାହିଁ କେ ମୋର ।।

# ହେ ମନ ! ବୃନ୍ଦାବନ ଯିବୁ

ହେ ମନ! ବୃନ୍ଦାବନ ଯିବୁ ।
ସୁକୃତ ତୋହର ଖୋଜିବୁ ॥
ପୂର୍ବର ଯାହାଅଛି ରହି ।
ମାନବ କେ ପାରିବ କହି ॥୧॥

ଅଶେଷ ରୂପେ ଜାତ କରି  ଖେଳାଉଛନ୍ତି ନରହରି ।
ମୋର ଶ୍ୟାମଙ୍କ କଳାକଳା  ରାଜା ଦରିଦ୍ର ସେହିକଲା ॥
ସାନରୁ ବଡ଼ ପରିଯନ୍ତେ  ପ୍ରଭୁଯେ ଖେଳନ୍ତି ଏମନ୍ତେ
ତାଙ୍କର ଦୟା ଯେବେ ହେବ  ହୀନ ପାମର ତରିଯିବ ॥୨॥

ତାଙ୍କର ଇଚ୍ଛା ସର୍ବକାଳେ
ଖେଳନ୍ତି ଭକ୍ତ ଅନ୍ତରାଳେ
ତାଙ୍କୁ କେ ଚିହ୍ନିଅଛି କାହିଁ
ସେ ଚିହ୍ନେ ଭକ୍ତ ସର୍ବପାଇଁ ॥୩॥

ଭକ୍ତକୁ ଦଣ୍ଡ ଦେଉଥାଇ  ଭକ୍ତ ସଙ୍ଗତେ ସଦାବାଇ
ଭକତଜନ ତାର ବନ୍ଧୁ  ତେଣୁ ତା ନାମ କୃପାସିନ୍ଧୁ
କିଞ୍ଚିତେ କୃପା ପାଇଁ ତାକୁ  ପ୍ରାଣୀ ଯେ ଚିନ୍ତନ୍ତି ତାହାକୁ
ଧନ ଦରବ ସରିଯିବ  ଗରବ ମନରୁ ଭାଙ୍ଗିବ ॥୪॥

ସୁବର୍ଣ୍ଣ ଧୌତ ଅଙ୍ଗ ପରି
ଭକ୍ତକୁ କରେ ସେହିପରି ॥
ଭକତ ଲାଗି ନାମ ତାର
ଅଶେଷ ପ୍ରକାରୁ ପ୍ରକାର ॥୫॥

ଦୁଃଖ ନାଶନ ଦୀନବନ୍ଧୁ  ଭକତ ପ୍ରାଣ କୃପାସିନ୍ଧୁ
ଭକତ ଲାଗି ନରହରି  ଖେଳନ୍ତି ନାନା ରୂପ ଧରି
ଅରୂପ ରୂପରେ ଖେଳନ୍ତି -  ରୂପରେ ଅରୂପ କରନ୍ତି
ସକଳ ରୂପ ଜୀବ ଦାତା -  ଜାଣନ୍ତି ସର୍ବଭକ୍ତ କଥା ।।୬।।

ଭକ୍ତ ତାହାର ଯେଣେ ଯାଇ
ଛାଇ ପରି ସେ ସଙ୍ଗେ ଥାଇ
ହେଉ ସେ ଯେତେ ଦୀନଜନ
ଭକତ ଲାଗି ଦୁଃଖୀ ମନ ।।୭।।

ଭକତ ଲାଗି ମାଡ଼ ସହି  ପଡ଼ା ମାଗିଲ ଦୁଃଖେ ଯାଇ
ଭବସାଗର ପାରି ପାଇଁ  ତରଣୀ ହେବ ଭାବଗ୍ରାହୀ
ଏତିକି କୃପା ବାରାଂଝରୁ  ପାଶୋରି ନ ଦେବ ମନରୁ
ବୁଦ୍ଧିଆ କରେ ନିବେଦନ  ଦୟାରଖିବ ନିରଂଜନ ।।୮।।

# ମୁହଁର କଳାରୁ ଟିକିଏ ଦେବୁରେ

(୭)

ମୁହଁର କଳାରୁ ଟିକିଏ ଦେବୁରେ
ଆଖିରେ ନାଇବା ପାଇଁ,
ବୁଢ଼ା ବୟସରେ ଗରୁଡ଼ ପଛରେ
ତୋତେ ପାରୁଥିବି ଚାହିଁ ।। ମୁହଁର କଳାରୁ.....
ବରଷକେ ଥରେ ତୋ ବଡ଼ ଦାଣ୍ଡରେ
ରଥେ ଦେଖୁଥିବି ଯାଇ,
ଭକତଙ୍କ ସଙ୍ଗେ ରଥ ଦଉଡ଼ାକୁ
ଟାଣୁଥିବି ସାଙ୍ଗ ହୋଇ ।। ମୁହଁର କଳାରୁ.....
ଛପନ-ଭୋଗରୁ ମାଗୁଛି କାଳିଆ
ଟିକିଏ ମୋହରି ପାଇଁ,
ମନା କରିବୁନି ଯିବାକୁ କାଳିଆ
ରଥେ ମୁଁ ଦେଖିବି ଯାଇ ।। ମୁହଁର କଳାରୁ
ନାହିଁ ମୋ ପଇସା ଗାଡ଼ି ଖରଚକୁ
ବେଳାବେଳି ଯିବା ପାଇଁ,
ବଡ଼ଦାଣ୍ଡେ ଚକା ଅଟକି ରହିବ
ବୁଢ଼ିଆ ଯିବାର ପାଇଁ ।। ମୁହଁର କଳାରୁ.....

# ଦେହ ବଦ୍ରିକା

## (୮)

ଦେହ ବଦ୍ରିକାରେ ଦରଶନ କର
ଦେହ ଅଯୋଧ୍ୟା ତୋହର ।
ଦେହ ବୃନ୍ଦାବନ କାଶୀ କ୍ଷେତ୍ରରୂପେ
ତୀର୍ଥଅଛି ତୋ ଶରୀର ।।
ଦେହ ଶ୍ରୀକ୍ଷେତ୍ର କୁ ପୂଜା ନ କରିଲୁ
ବୃଥାରେ ଗଲୁତୁ ସରି ।
ଚାରି ଧାମ ଚାରି ନାମ ଏ ଜଗତେ
ଚାରି ତନ୍ତ୍ର ଦାୟୀ କରି ।।
ଚାରି ବେଦ ତୋର ଶରୀର ହୋଇଛି
ଚାରିଚାରି ଅଙ୍ଗ କରି
ବାଳକ ଯୌବନ ବୃଦ୍ଧ ତୋ ଶରୀର
ଖେଳେ ନାନା ରୂପ ଧରି ।।
ତୋ ଦେହରେ ଜପତପ ଲାଗି ଅଛି
ମନ୍ଦିର ପୂଜାରୀ ଭଳି ।
ପାପ ପୂଣ୍ୟ ତୋର ଦେହ ଅଳଙ୍କାର
ନାଇବୁ ଗହଣା ପରି ।।
କଳଙ୍କ ଶରୀର ଅକଳଙ୍କ କର
ଗୁରୁ ଆଜ୍ଞା ଶିରେ ଧରି ।
ପାଷାଣ କାଷ୍ଠ ରେ ମନ ନ ନିବେଶ
ସତ୍ୟ ଧର୍ମ କୁ ଆଚରି ।।
ସତ୍ୟରେ ଚନ୍ଦ୍ରମା ସୂର୍ଯ୍ୟ ଆତଯାତ
ଶକ୍ତି ବଳେ ତିନିପୁରୀ

ଦେହ ଜଗନ୍ନାଥ ପୂଜାକର ତୁତ
ଭୃତ୍ୟ ପ୍ରାୟ ଆଜ୍ଞାକାରୀ ॥
ତୋ ଦେହ ଭିତରେ ବିଅଁ ଖେଳୁଛନ୍ତି
ନାନା ରୂପେରେଖ ଧରି ।
କିଏସେ ଫକୀର କାଲି ଧନୀ ହୋଇ
ଦେଖାଉଛି ବାହାଦୂରୀ ॥
ସବୁ ଦେଖୁ ଥାଏ ଅଧର୍ମ ନସହେ
ନିଜକୁ ନିଜେ ବଇରୀ,
ସେତ ନିଜକୁ ନିଜେ ବଇରୀ ॥
ଯଉବନ ନିଶା ସରିଗଲେ ତୋର
ସରିଯିବ ବାହାଦୂରୀ ।
ରହିବ ନାହିଁରେ, ସମୟ ଗଡିଲେ
ଯମହେବ ତୋ ବଇରୀ ॥
ବୁଝାଇ କହୁଛି କାହିଁ ନାହିଁ କିଛି
ସାକ୍ଷୀ ରଖି ବଂଶୀଧାରୀ
ଦିବସ ରଜନୀ ସେହିତ କରୁଛି
ଖେଳାଉଛି ଧରି ଡ଼ୋରି ॥
ସିଏତ ଦେଖଇ ଅନ୍ଧାର ରାତିରେ
ମନଇଛା କରୁ ଚୋରୀ
ଦଣ୍ଡଦେବା ପାଇଁ ଦଣ୍ଡଧାରୀ ରୂପେ
ବସିଥାଏ ଦଣ୍ଡଧରି ॥
ସେଯେବେ ଦଣ୍ଡିବ ସାକ୍ଷୀ କେହି ନାହିଁ
ଆଣିବେ ଯାମିନୀ କରି
ସେଇ ମିଶଲରେ ସାକ୍ଷୀ ଲୋଡ଼ା ନାହିଁ
(ସେ) ନିଜେ ସାକ୍ଷୀ ନିଜେ ଜୁରୀ ॥
ବାଇଆ ବୁଦ୍ଧିଆ ବାଇ ହୋଇ ଅଛି

ବନ୍ଧୁ-ବାନ୍ଧବଙ୍କ ପରି ।
ବନ୍ଧନ ମାୟାକୁ ଛିଣ୍ଡାଇ ଦେବି ମୁଁ
ରଖିବି ନାହିଁ କାହାରି ।।
ଦେଖୁଛୁ ଦୁନିଆଁ ଜଳୁଅଛି ନିଆଁ
ପୋଡ଼ି ଦେବ ଦିନେ ଧରି ।
ଭସ୍ମ ହୋଇ ଯିବୁ, କାହାକୁ କହିବୁ
ସତ୍ୟ ଯେବେ ଯିବ ସରି ।।
ସତ୍ୟ ଥିବା ଯାଏ ଜଗତ୍ରରେ ଖେଳ
ଦିନ ହରିବୁ ତୋହରି ।
ବିପରୀତ କଥା କହେନି ବୁଦ୍ଧିଆ
ନିଜ ଚକ୍ରେସାକ୍ଷୀ କଲି ।।

# ମନୁଆ ! ପ୍ରଭୁନାମ ଉଦରେ

## (୯)

ମନୁଆ ! ପ୍ରଭୁନାମ ଭଜରେ ଭଜରେ ଭଜରେ.....

......ମନୁଆ...

ଶ୍ରୀ ଚରଣେ ମନ ଦେଇ

ଶରଣ ପଶିବୁ ଯାଇ

ପାଇବା ପାଇଁକି ତାଙ୍କୁ ଖୋଜରେ... ମନୁଆ....

ସିଏପରା ଦୁଃଖ ହାରୀ ଦୁଃଖ ହରନ୍ତି ସବୁରି

ଆନକିଛି ମାଗନାହିଁ, ମାଗ ପଦ ରଜରେ । ..ମନୁଆ..

ସେହି ପାଦେ ରହୁ ମନ

ଲୋଡ଼ାନାହିଁ ଧନ ଜନ

ସେ ପାଦର ଦୟା ହେଲେ, ମିଳିବ ଐଶ୍ୱର୍ଯ୍ୟରେ ....ମନୁଆ....

ପ୍ରେମ ବିନା ଶାନ୍ତି ନାହିଁ

ସେ ପ୍ରେମ ଖୋଜୁଛି ମୁହିଁ

ଯେଉଁ ପ୍ରେମ କଲେମିଳେ, ସେ ପଦ ପଙ୍କଜରେ । ମନୁଆ.....

ସେ ପାଦେ କୋଟି ଜୁହାର

ବୁଦ୍ଧିଆର ନିରନ୍ତର

ଭୁଲିଗଲେ ଦାସ ପ୍ରଭୁ ଦେଉଥିବ ହେଜ ହେ..... ମନୁଆ.....

# ଜଗବନ୍ଧୁ ପରି ଜଣେ ନାହିଁରେ

## (୧୦)

ଜଗବଂଧୁ ପରି ଜଣେ ନାହିଁରେ ..... ଆଉ ନାହିଁରେ....
ଜଗତ ଗଢ଼ିଛି ସାନବଡ଼ କରି ନାନା ରୂପ କରି ସେହିରେ.....
ଆଉ ନାହିଁରେ....

ଜଣକୁ କନ୍ଦାଏ ଜଣକୁ ହସାଏ ଦେଖୁଥାଏ ଶୂନ୍ୟେ ରହିରେ
ଏହି ସବୁରୂପେ ମାୟାର ସ୍ୱରୂପେ ଖେଳଇ ଅନେକ ହୋଇରେ ...
ଆଉ ନାହିଁରେ.....

ଭକତ ଜୀବନ ସେହି ଭଗବାନ, ସ୍ତମ୍ଭୁ ଆସିଲା ଓହ୍ଲାଇରେ
ପ୍ରହଲ୍ଲାଦ ଦୁଃଖ ନିମିଷେ ନାଶିଲା ହିରଣ୍ୟ ମାରେ ଗୋଡାଇରେ -
ଆଉ ନାହିଁରେ....

ପରମଦୟାଳୁ ନାମ ଆଦିମୂଳ ଭକତ ଜୀବନ ପାଇଁରେ,
ପାଦରେ ପଥର କରିଲା ଉଦ୍ଧାର ରାମରୂପଥିଲା ହୋଇରେ.....
ଆଉ ନାହିଁରେ.....

ବନ୍ଦୀରୁ ଆସିଲା ଗୋପରେ ବଢ଼ିଲା ଗୋପୀ ଗୋପାଳଙ୍କ ପାଇଁରେ
ଖୋଜି ଋଷିମୁନି ହୋଇଗଲେ ଦୁନି ତା'ରୂପ ପାଇଲେ ନାହିଁରେ ...
ଆଉ ନାହିଁରେ.....

ଗୋପରେ ବଢ଼ିଲା ଗୋପୀରେ ଖେଳିଲା ଅଷ୍ଟ ମଲ୍ଲବଧ ପାଇଁରେ
ତିନି ପୁରେ କଲା କୁବୁଜା ସୁନ୍ଦରୀ ଫୁଲ ମାଳ ଥିଲା ଦେଇରେ...
ଆଉ ନାହିଁରେ...

କାହାକୁ ମାରିଛ କାହାକୁ ତାରିଛ ଦୟାବନ୍ତ ରୂପ ହୋଇରେ...
ସବୁଗୁଣ ଯାକ ଆପେ ରଖି ଅଛ ଗୁଣମଣୀ ନାମ ବହିରେ.
ଆଉ ନାହିଁରେ....

ଏ କଳି ଯୁଗରେ ନିଳ କନ୍ଦରରେ
ବାନା ଦେଇଛୁ ଉଡ଼ାଇରେ ।
ମୋ ପରି ପତିତ ଏସାରା ସଂସାରେ
ଆଉ ଜଣେ କେହି ନାହିଁରେ ।
ତାରିବ ଭକତ ଆହେ ଜଗନ୍ନାଥ ଏତିକି ମାଗଇ ଚାହିଁରେ
ଗୋବରୀ କୂଳରେ ଗୋବର ନାଳରେ ଗୋବର ପୋକ ମୁଁ ହୋଇରେ
ଆଉ ନାହିଁରେ....

ବୁଦ୍ଧିଆ ଡ଼ାକଇ ଗାରୋଇ ଦଣ୍ଡାରେ ଶୁଣ ପ୍ରଭୁ ଲକ୍ଷ୍ମୀ ସାଇଁହେ
ହାତ ଟେକି ଅଛି ଉଠାଇ ନିଅହେ ଦୟାଥାଉ ଭକ୍ତ ପାଇଁ ହେ...
ଆଉ ନାହିଁରେ....

# ମନଦୁନିଆଁରେ--

ମନଦୁନିଆଁରେ ଘର କରିଥିଲି
ଅମନ ବତାସ ଭାଙ୍ଗିଦେଲା,
ଛାଉଣୀ ଉଡ଼ାଇ ବାଉଁଶ ରହିଛି
ଛପର ତାହାର କାହିଁ ଗଲା ? ॥
ସମସ୍ତେ ଭାବନ୍ତି ମୋହର ମୋହର
ଏସବୁ ଶୂନ୍ୟ ସଂସାର ।
ଶୂନ୍ୟରେ ଆସିଛୁ ଶୂନ୍ୟରେ ତୁ ଯିବୁ
ଶୂନ୍ୟ ତୋର ଖେଳଘର ॥
ଦେହ ପଡ଼ିଥିବ ସିଏ ଚାଲିଯିବ
ତାକୁ ତୁ କର ନିଜର ।
ଶୂନ୍ୟ ନିରାକାର ଅଣାକାର ଯନ୍ତ୍ର
ସାଇତି ରଖ ତୋହର ॥
ଦେହ ଗଲା ବେଳେ ମୋହ ମାୟାଛାଡ଼ି
ସେହି ବନ୍ଧୁ ହେବତୋର ।
ଜଗତର ବନ୍ଧୁ ନାମ କୃପାସିନ୍ଧୁ
ସେହି ସେ ବଡ଼ ଠାକୁର ॥
ଧୂପଦୀପ ନଇବେଦ୍ୟକୁ ଦେଉ ତୁ
ଭକ୍ତିଟି ଅଣ ଆଦର

ଭକ୍ତି ଭାବ ଗ୍ରାସ କରେ ହୃଷିକେଶ
ଥରେ ତାକୁ ଚିନ୍ତାକର ॥
ଭାବବିନେଦିଆ! ଦୁଃଖୀ ଏ ବୁଦ୍ଧିଆ
ଭାସିଯାଏ ନିରନ୍ତର ।
ଅନ୍ତର ଯ୍ୟାମୀହେ ଅନ୍ତରବେଦନା
ଶୁଣ କର୍ଣ୍ଣେ ବାରେ ମୋର ॥
ଅଜଣା ରାଇଜେ ଜନ୍ମ ହୋଇଥିଲି
ଜଣା ନାହିଁ ଏ ସଂସାର
ସମସ୍ତେ ଅଜଣା ଧନଜନେ ବଣା
କିଏ ବୁଝିବ ଅନ୍ତର ॥
ଆପଣାର ବୋଲି ଜଣେ କେହି ନାହିଁ
ଜଗତ ଯାକର ପର ।
ଉଦ୍ୟାନ ରହିଛି ଫୁଲଟିଏ ନାହିଁ
ଦିଅଁ ପୂଜିବାକୁ ମୋର ॥

# ନିଷ୍କାମନା ଭାବ କର

## (୧୨)

ନିଷାମନା ଭାବ କରରେ ମନୁଆଁ
କାମନା କୁ କର ଶୂନ୍ୟ
କାମନା ରହିଲେ ସର୍ବ ଶୂନ୍ୟହେବ
ନଥିବ ହରି ଚିନ୍ତନ ।।
ହରି ହରି ବୋଲି ସକଳେ କୁହନ୍ତି
ହରିରେ ନଥାଏ ଚିହ୍ନା
ହରିକି ଚିହ୍ନିଲେ ସକଳ ପାଇବୁ
କାହିଁକି କରୁ ଭାବନା ? ।।
ଅର୍ଥ ସ୍ୱାର୍ଥ ଦୁହେଁ ଅନର୍ଥ ଜଗତେ
କେବେହୁ ଯାକୁ ନ ଅନା ।
ଭବ ସଂସାରରେ ଭାବରେ ଖେଳୁଥା'
ହରି କେବଳ କାମନା ।
ହରି ସାଧନାକୁ ସିଦ୍ଧିକର ମନ
ନ ହୋଇତୁ ଆନମନା
ବୁଦ୍ଧିଆ କହଇ ବୁଦ୍ଧିହୀନ ହୋଇ
ଭବରେ ବୁଡ଼ି ମରନା ।।

# ଅନେକ ଦିନରୁ ମନେକରି ଅଛି

## (୧୩)

ଅନେକ ଦିନରୁ ମନେ କରି ଅଛି
ଶ୍ରୀକ୍ଷେତ୍ର କୁ ଯିବି ବୋଲି ।
ମନା ମତେ କରି ଦେବୁନି କାଳିଆ
ସିଂହ ଦ୍ୱାର ଦେବୁ ଖୋଲି ॥
ମାଗିବିନି କିଛି ନେବାକୁ ମୁହିଁରେ
ମାଗିବି ଶରଧା ବାଲି ।
ତୋ'ରଥ ଦଉଡ଼ି ଟାଣି ପାରିବିନି
ରଥପଛେ ଯିବି ଚାଲି ॥
ଜଗତର ନାଥ ତୁହି ଜଗନ୍ନାଥ
ଡାକୁଥିବି ହୃଦ ଖୋଲି ।
ହୃଦୟ ଦେବତା କହୁଥିବୁ କଥା
ତୋ' ନୀଳଚକ୍ର ଯିବ ହଲି ॥
ଏତିକି ବିଶ୍ୱାସ ରହିଛି ଠାକୁର
ମୋ କଥା ନ ଯିବୁ ଭୁଲି ।
ବରଷକେ ଥରେ ମନେ ପକାଉଥିବୁ
ରଥକୁ ଆସିବି ବୋଲି ॥
ଗାଉଥିବି ଗୀତ ଆହେ ଜଗନ୍ନାଥ
ତୋହରି ନାମକୁ ବୋଲି ।
ନାଚି ଯାଉଥିବି ପ୍ରେମରେ ଗଡ଼ିବି
ତୋହରି ଶରଧା ବାଲି ॥

# ବନ୍ଧନ ମାୟାରେ
## (୧୪)

ବନ୍ଧନ ମାୟାରେ ବାନ୍ଧି ଜଗନ୍ନାଥ
ମାରୁଅଛ ମୋତେ କାହିଁ ?
ଯେଣିକି ଚାହିଁଲେ ତେଣେ କାଳରୂପ
ଖାଉଛି ମୋତେ ଗୋଡ଼ାଉ ।।
ତୁମେ ଏକମାତ୍ର ଜଗତରେ ବଡ଼
ଆଉ ଜଣେ କେହି ନାହିଁ ।
ସକଳ କରୁଛ କରି କରାଉଛ
ତୁମେ ଗୁପତରେ ରହି ।।
ଭକତ ଉଦ୍ଧାର ବାନା ଉଡ଼ାଉଛ
ପତିତପାବନ ହୋଇ
ମୋ ପରି ପତିତ ଡ଼ାକ ନ ଶୁଣିଲ
ନିଦରେ ଗଲକି ଶୋଇ ? ।।
ଡ଼ାକି ଡ଼ାକି ଆଉ ଡ଼ାକି ପରିବିନି
ଗଲିପ୍ରଭୁ ସାକ୍ଷୀ ଦେଇ ।
ମୋ ଦୁଃଖ ତୁମ୍ଭଙ୍କୁ ଗରୁଡ଼ କହିବ

ତୋ' ରୂପ ଦେଖିବି ଧାୟୀ ।।

ବଇକୁଣ୍ଠ ଭାବି ନରକେ ସଢ଼ିଲି

ବଇକୁଣ୍ଠ ଆଉ ନାହିଁ ।

ବୈକୁଣ୍ଠ ବିହାରୀ ତୁ ମାୟା କରିଲେ

କାହାକୁ କହିବି ଯାଇ ? ।।

ଏହି ନିବେଦନ ରହୁ ସବୁଦିନ

ଡ଼ାକୁ ଥିବି ପାଦ ଧାୟୀ

ମୁଁ ହୀନ ଦାସ ତୁମେ ପୀତ ବାସ

ଯଶରଖ କୃପା ଦେଇ ।।

# ହାତ ଖଣ୍ଡିଆ

## (୧୫)

ହାତ ଖଣ୍ଡିଆ ଲଣ୍ଡା ମୁଣ୍ଡିଆ
ଦେଉଳେ ବସିଛି ଚାହିଁ ।।
ଷାଠିଏ ପଉଟି ରନ୍ଧା ହୋଇଛି
ରତିଏ ରୁଚିଲା ନାହିଁ ।।
କିଏ ଡ଼ାକୁଥାଏ ଚକା ନୟନ
ଗୁହାରୀ ଜଣାଏ ଯାଇ ।।
ଦୁଇ ଭାଇଙ୍କର ଦୁଇଟି ରଙ୍ଗ
ସୁଭଦ୍ରାକୁ ସଙ୍ଗେ ନେଇ ।।
ଲକ୍ଷ୍ମୀ ମାଆକୁ ସେ ଛାଡ଼ି ଯାଇଚି
ଆଷାଢ଼ ଗୁଣ୍ଡିଚା ପାଇଁ ।।
ଷୋଳ ଉପଚାର ଯାହାର ପୂଜା
(ତାର) ଜାତି ଅଜାତି ନାହିଁ ।।
ଭକତଙ୍କ ସଙ୍ଗେ ବୁଲଇ ଦାଣ୍ଡେ
ଭକ୍ତ ଦରଶନ ପାଇଁ ।।

ଦଇତା କରନ୍ତି ଗାଛି ଫଞ୍ଚିତ୍
ଚକା ଗଡ଼ିବାର ପାଇଁ ॥
ମାଦଳା ଠକୁର ରଥରେ ବସିଚି
ବଳ କଷା କଷି ପାଇଁ ॥
ବୁଢ଼୍ ପ୍ରଭୁବୋଲି ଜଗତେ ଜଣା
ବାନା ଦେଇଛି ଉଡ଼ାର ॥
ଆନନ୍ଦ ବଜାରେ ଭାତ ବିକୁଛୁ
ଭକତ ମାନଙ୍କ ପାଇଁ ॥
କଣିକାଏ ଦେଲେ ସରିଯିବ ନାହିଁ
ହଇରାଣ କରୁ କାହିଁ ॥
ସଂଜ ସକାଳରେ ତତେ ମୁଁ ଡ଼ାକୁଛି
ଭୋକ ନିବାରଣ ପାଇଁ ॥

# ଶୂନ୍ୟ ଶୂନ୍ୟ ଯେ-

## (୧୬)

ଶୂନ୍ୟ, ଶୂନ୍ୟ ଯେ, ମହାଶୂନ୍ୟ ।
ଶୂନ୍ୟ ମଧରେ ନିରଂଜନ ।।
ନରଂଜନରେ ନିତ୍ୟ ମନ ।
ବସତୁ ଲଗାଇଣ ଧାନ ।।
ଶୂନ୍ୟରେ ଶୂନ୍ୟ ଯୋଗକଲେ ।
ଶୂନ୍ୟେ ଦେଖିବୁ ତାଙ୍କୁ ଭଲେ ।।
ଅଣ୍ଡା ଆକୃତି ରୂପ ହୋଇ ।
ପୃଥିବୀ ତିଆରି କରଇ ।।
ତାଂ ମଧ୍ୟେ ଅଛି ପଞ୍ଚରସ ।
କେଶର ଜାଣିବା ସାରସ ।।
ତା ମଧ୍ୟେ ଅଛି ସୁକ୍ଷ୍ମ ଦେହୀ ।
ସାଧିଲେ ପାରିବୁ ତୁ ପାଇ ।।
ଅଣ ସାଧନା ଯେବେକର ।
ଅଣ ହେତୁରେ ତାକୁ ଧର ।।
ଅଣ କିଳିଣୀ ମଧ୍ୟେ ଅଛି ।
ଅଣ ସୂତ୍ର ରେ ସେ ଖେଳୁଛି ।।

# ଗରୁଦେବ ପଛରେ ଥିବ

## (୧୭)

ଗୁରୁଦେବ ! ଆଗରେ ପଛ-ରେ ଥିବ ।
ଯେଣେ ଅନାଇଲେ ତେଣେ ଦିଶୁଥିବ
କ୍ଷଣେ ମତେ ନଛାଡ଼ିବ .. ଗୁରୁ ଦେବ...

ଆଲୋକ ହୋଇଣ ଅନ୍ଧାର ରାତିରେ
ପଥ ମୋତେ ଦେଖାଇବ ।
ନଛାଡ଼ିବି ସତ୍ୟ ନ ଭୁଲିବି ପଥ
ସତ୍ୟ ତୁମ ନାମ ଥିବ ... ଗୁରୁଦେବ...

ମୋ ନେତ୍ର ପବିତ୍ର ତୁମେ ଜଗନ୍ନାଥ
ରୂପରେ ମୋତେ ଦିଶିବ ।
ତୁମକୁ ଡ଼ାକିଲେ ସର୍ବ ଦେବା ଦେବୀ
ଏଇ ରୂପେ ଦିଶୁଥିବ ।
ତୁମେ ଏକା ସାହା ଗୁରୁ ପ୍ରାଣ ନାହା
ନାମ ଅଟଳ ହୋଇବ ।
ଚଳାଚଳ ନାମେ ପୃଥିବୀ ଚଳିବ
ସନାତନ ଧର୍ମ ଥିବ ।
କଳିରେ ପୃଥିବୀ ପଥ ଦେଖାଇଣ
ଭକତକୁ ତାରି ଦେବ ।
ସରଣୀ ରେ ତୁମେ ତରଣୀ ହୋଇଣ
ପାପୀ ଉଦ୍ଧାର କରିବ ।

ମୁଁ ଅଧମ ଜନ ତୁମେ ଭଗବାନ
ସର୍ବଦା ମନ ଭାବିବ ।
ଆନମନା ମତେ କେବେନ କରିବ
ତନ୍ମୟରେ ମନ ଥିବ ।
ତୁମରି ଦୁଆରେ ଡ଼ାକି ଡ଼ାକି ପ୍ରଭୁ
ଏଜୀବନ ଚାଲିଯିବ ।
ପ୍ରାଣ ଗଲାବେଳେ ତୁମରି ନୟନେ
ଏ ନୟନ ମିଶିଯିବ ।